## ପିକକ୍ ଶିଶୁମେଳାର ତୃତୀୟ ସନ୍ଧ୍ୟା
## ଆଧୁନିକ ନୃତ୍ୟର ତାଳେ ତାଳେ ଝୁମିଲେ ଦର୍ଶକ ମଣ୍ଡଳୀ

ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ସାତଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ତୃତୀୟ ସନ୍ଧ୍ୟା । ଚଳ ଚଞ୍ଚଳ ହୋଇ ଉଠିଥିଲା ଏକାମ୍ର ହାଟ କାରଣ ଅଜିଥିଲା ପିଲାମାନଙ୍କ ମଧ୍ୟରେ ଆଧୁନିକ ନୃତ୍ୟର ପ୍ରତିଯୋଗୀତା । କୁନି କୁନି ପିଲାମାନଙ୍କର ନୃତ୍ୟରେ କମ୍ପି ଉଠିଥିଲା ଏକାମ୍ର ହାଟ ର ପ୍ରାଙ୍ଗଣ ଓ ଦର୍ଶକ ମାନେ ଏହାକୁ ମନ୍ତ୍ର ମୁଗ୍ଧ ହୋଇ ଉପଭୋଗ କରିଥିଲେ । ଏଥିରେ ମୁଖ୍ୟ ବିଚାରକ ଭାବେ ଅନ୍ନପୂର୍ଣ୍ଣା ମହାନ୍ତି, ରେଖା ସାହୁ, ଦିଲ୍ଲୀପ କୁମାର ଜି, ଶର୍ମିଲା ସାହୁ, ମିନାକ୍ଷୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଆଜି ସନ୍ଧ୍ୟାର ମୁଖ୍ୟ ଅତିଥି ଥିଲେ ରାଜ୍ୟ ଶିଶୁ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସସ୍ମିତା ନନ୍ଦ, ବିଏସଏନଏଲ ର ପୂର୍ବତନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ହରିହର ସେଠୀ, ବରିଷ୍ଠ ଆଇନଜିବୀ ଓ ସଭାପତି ଭୁବନେଶ୍ୱର ବାର ଆସୋସିଏସନ ଧନେଶ୍ୱର ମହାନ୍ତି ଓ ଡେଭଲପମେଣ୍ଟ ପ୍ରଫେସନାଲ ରୁବି ରାଉତ । ଅତିଥି ମାନଙ୍କର ଉପସ୍ଥିତି ପିଲାମାନକୁ ବହୁତ ଉତ୍ସାହିତ କରିଥିଲା । ଅତିଥିମାନେ ପିକକ୍ ର ଏହି ଉଦ୍ୟମକୁ ବହୁ ପ୍ରସଂଶା କରିଥିଲେ । ପିକକ୍ ର ଅଧକ୍ଷା ଡ. ମିନାକ୍ଷୀ ପଣ୍ଡା, ସମ୍ପାଦକ ରଞ୍ଜନ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । ପିକକ୍ ର ରତ୍ନା ଦାଶ, ଉପମା ମହାନ୍ତି, ଡ଼. ସୁମିତ୍ରା ମହାନ୍ତି, ଶାନ୍ତିଲତା ସାହୁ, ବିଷ୍ଣୁପ୍ରିୟା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସନ୍ଧ୍ୟାରେ ଡିଏମ ସ୍କୁଲ ଓ ବାରିଜଙ୍ଗର ପ୍ରତିଭା ଅଡୋଲୋସେଣ୍ଟ ଗୃପର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କର ମନ ମୋହି ନେଇଥିଲା ।

**<u>୩୪ ତମ ପିକକ୍ ଶିଶୁମେଳା ଚତୁର୍ଥ ଦିବସ ତା ୧୭-୧୧-୨୦୨୩ରିଖ କାର୍ଯ୍ୟସୂଚୀ</u>**

**ପିଲାଙ୍କ ଅକ୍ଷୟ - ପିଲାମାନଙ୍କ ଦ୍ୱାରା ଅକ୍ଷୟ ସଙ୍ଗୀତ ପରିବେଷଣ- ସନ୍ଧ୍ୟା ୬:୩୦ ଘଟିକା**
**ସ୍ଥାନ – ଏକାମ୍ର ହାଟ, ଆମ୍ଫିଥିଏଟର**